# NATIONAL NEWS BULLETIN (ODIA)

## 22 September - 2024

### Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଏକ ମୁକ୍ତ, ସମାବେଶୀ ଏବଂ ସମୃଦ୍ଧ ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଗଠନ ପାଇଁ କ୍ୱାଡ୍ ରାଷ୍ଟ୍ରଗୋଷ୍ଠୀ ପ୍ରତିଶ୍ରୁତିବଦ୍ଧ; କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ପର୍ଯ୍ୟଟନ କ୍ଷେତ୍ରରେ ବିଶ୍ୱସ୍ତରୀୟ ଶ୍ରେଷ୍ଠ ପରିଚାଳନା ପାଇଁ ଭାରତ ପକ୍ଷରୁ ପ୍ରସ୍ତୁତ ଡ୍ୟାସ୍‌ବୋର୍ଡ଼କୁ ଜି୨୦ ମନ୍ତ୍ରିସ୍ତରୀୟ ବୈଠକରେ ଦୃଢ଼ ସମର୍ଥନ ।

- ଆଗାମୀ ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ନେଇ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଆସନ୍ତାକାଲିଠାରୁ ଦୁଇଦିନିଆ ଝାଡ଼ଖଣ୍ଡ ଗସ୍ତ ।

- ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନରେ ଭୋଟ୍‌ଗଣତି ଜାରି ।

- ଆଜି ପ୍ରକାଶ ପାଇପାରେ ଚୂଡାନ୍ତ ଫଳାଫଳ ।

ଏବଂ

- ଚେନ୍ନାଇ ଟେଷ୍ଟରେ ଦୃଢ଼ ସ୍ଥିତିରେ ଭାରତ ।

# ପିଏମ୍-ବାଇଡେନ୍ ମିଟିଂ କ୍ୱାଡ୍

ଏକ ମୁକ୍ତ, ସମାବେଶୀ ଏବଂ ସମୃଦ୍ଧ ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଗଠନ ପାଇଁ କ୍ୱାଡ୍ ରାଷ୍ଟ୍ରଗୋଷ୍ଠୀ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆମେରିକାର ଡେଲାୱେରଠାରେ ଅନୁଷ୍ଠିତ କ୍ୱାଡ୍ ନେତୃତ୍ୱ ଶିଖର ସମ୍ମିଳନୀରେ ଉଦ୍‌ଘାଟନୀ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ବର୍ତ୍ତମାନର ବୈଶ୍ୱିକ ପରିସ୍ଥିତିରେ କ୍ୱାଡ୍ ରାଷ୍ଟ୍ରସମୂହ ଏକତ୍ରିତ ହୋଇ କାର୍ଯ୍ୟ କରିବା ମାନବ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମୋଦୀ କହିଛନ୍ତି । କ୍ୱାଡ୍ ରାଷ୍ଟ୍ରଗୋଷ୍ଠୀ, ଆନ୍ତର୍ଜାତୀୟ ବ୍ୟବସ୍ଥା, ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତା ପ୍ରତି ସମ୍ମାନ ପ୍ରଦର୍ଶନ ସହ ସମସ୍ତ ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ଗୁରୁତ୍ୱପ୍ରଦାନ କରିଥାଏ । ସ୍ୱାସ୍ଥ୍ୟ, ନିରାପତ୍ତା, ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ, ଜଳବାୟୁ ପରିବର୍ତ୍ତନ ଓ ଦକ୍ଷତା ବିକାଶ ଭଳି କ୍ଷେତ୍ରକୁ ଅଧିକ ବିକଶିତ କରିବା ଲକ୍ଷ୍ୟ କ୍ୱାଡ୍ ରାଷ୍ଟ୍ରସମୂହ ମିଳିତଭାବେ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ । ଆସନ୍ତା ୨୦୨୫ କ୍ୱାଡ୍ ଶିଖର ବୈଠକ ଭାରତରେ ଆୟୋଜନ ହେବା ନେଇ ଶ୍ରୀ ମୋଦୀ ଖୁସିବ୍ୟକ୍ତ କରିଛନ୍ତି ।

କ୍ୱାଡ୍ ଶିଖର ବୈଠକ ପୂର୍ବରୁ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ଏକଘଣ୍ଟା ଧରି ଅନୁଷ୍ଠିତ ଏହି ବୈଠକରେ ଦୁଇନେତା ବୈଶ୍ୱିକ ରଣନୈତିକ

ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ମତବିନିମୟ କରିଥିଲେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ପ୍ରଧାନମନ୍ତ୍ରୀ କହିଛନ୍ତି ଆଲୋଚନା ଅତ୍ୟନ୍ତ ସକାରାତ୍ମକ ହୋଇଛି ।

ନ୍ୟୁୟର୍କଠାରେ ଆଜି ଭାରତୀୟ ସମୁଦାୟଙ୍କ ଏକ ସମାବେଶକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଏଥିସହ ଅତ୍ୟାଧୁନିକ ଜ୍ଞାନକୌଶଳ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଲକ୍ଷ୍ୟ ନେଇ ଶ୍ରୀ ମୋଦୀ ଆମେରିକାର ଅଗ୍ରଣୀ କମ୍ପାନୀଗୁଡ଼ିକର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିବେ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନ୍ୟୁୟର୍କଠାରେ ଆସନ୍ତାକାଲି ଜାତିସଂଘ ସାଧାରଣ ସଭା ଭବିଷ୍ୟତର ଶିଖର ସମ୍ମିଳନୀକୁ  ସମ୍ବୋଧନ କରିବେ । ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି ଏକ ଉତ୍ତମ ଭବିଷ୍ୟତ ପାଇଁ ବହୁପକ୍ଷୀୟ ସମାଧାନ । ସୂଚନାଯୋଗ୍ୟ ଗତକାଲି ଫିଲାଡେଲଫିଆ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।

## ପ୍ରଧାନମନ୍ତ୍ରୀ କ୍ୟାନସର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତ-ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକ ପାଇଁ ଗାଭି-ଦ ଭାକ୍ସିନ ମେଣ୍ଟ ଅଧୀନରେ

୪୦ ନିୟୁତ ଡୋଜ୍ ଟୀକା ପ୍ରଦାନ କରିବ । କ୍ୱାଡ୍ ଶିଖର ସମ୍ମିଳନୀ ଅବସରରେ ଆୟୋଜିତ କ୍ୟାନସର ମୁନ୍ ସଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । କର୍କଟ ରୋଗକୁ ଚିହ୍ନଟ, ଚିକିତ୍ସା ଏବଂ ପ୍ରତିହତ କରିବା ପାଇଁ ଏହି ପଦକ୍ଷେପ ନିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଶ୍ରୀ ମୋଦୀ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମର ଆୟୋଜନ ସୁଲଭ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ଲକ୍ଷ୍ୟରେ କ୍ୱାଡ୍ ରାଷ୍ଟ୍ରସମୂହ ମିଳିତ ସଂକଳ୍ପକୁ ପ୍ରତିଫଳିତ କରୁଛି । କୋଭିଡ ମହାମାରୀ ସମୟରେ ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକ ପାଇଁ କ୍ୱାଡ୍ ରାଷ୍ଟ୍ରସମୂହ ଟୀକା ପ୍ରଦାନ ନେଇ ପଦକ୍ଷେପ ଗ୍ରହଣ କରିଥିଲେ । ବର୍ତ୍ତମାନ କ୍ୱାଡ୍ ଶିଖର ରାଷ୍ଟ୍ରସମୂହ ଗର୍ଭାଶୟ କର୍କଟ ଭଳି ରୋଗର ଆହ୍ୱାନର ମୁକାବିଲା କରିବାକୁ ମିଳିତଭାବେ କାର୍ଯ୍ୟ କରିବା ନେଇ ନିଷ୍ପତ୍ତି ନେଇଥିବାରୁ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି । କର୍କଟ ରୋଗକୁ ପ୍ରତିହତ କରିବା ଲାଗି ପ୍ରତିଷେଧକ, ଚିହ୍ନଟ, ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସାର ଏକ ସମନ୍ୱିତ ପଦ୍ଧତି ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟବୀମା ଯୋଜନା ଭାରତ ପ୍ରଚଳନ କରିଛି ଏବଂ ସମସ୍ତଙ୍କୁ ସୁଲଭ ମୂଲ୍ୟରେ ଔଷଧ ଉପଲବ୍ଧ କରାଇବା ଲକ୍ଷ୍ୟରେ ସ୍ୱତନ୍ତ୍ର କେନ୍ଦ୍ରମାନ ସ୍ଥାପନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସର୍ଭାଇକାଲ କର୍କଟ ରୋଗ ପାଇଁ ଭାରତ ନିଜସ୍ୱ ଟୀକା ବିକଶିତ କରିଛି ଏବଂ କୃତ୍ରିମ ବୁଦ୍ଧିମତା ଉପଯୋଗ କରି ନୂତନ ଚିକିତ୍ସା ମାର୍ଗଦର୍ଶିକା ପ୍ରସ୍ତୁତ

କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତ ଏ କ୍ଷେତ୍ରରେ ନିଜର ଅଭିଜ୍ଞତା ଏବଂ ବିଶେଷଜ୍ଞତାକୁ ବାଣ୍ଟିବାକୁ ଇଚ୍ଛୁକ । ଏକ ପୃଥିବୀ-ଏକ ସ୍ୱାସ୍ଥ୍ୟ ପାଇଁ ଭାରତ ଦୃଷ୍ଟିକୋଣ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିବା ସହ ୭ ଦଶମିକ ୫ ନିୟୁତ ଡଲାର ମୂଲ୍ୟର ନମୂନା କିଟ୍ ଏବଂ ଟୀକା ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ ।

## ଜି-୨୦ ମନ୍ତ୍ରିସ୍ତରୀୟ ବୈଠକ

ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି ପର୍ଯ୍ୟଟନ କ୍ଷେତ୍ରରେ ବିଶ୍ୱସ୍ତରୀୟ ଶ୍ରେଷ୍ଠ ପରିଚାଳନା ପାଇଁ ଭାରତ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଡ୍ୟାସ୍‌ବୋର୍ଡକୁ ଦୃଢ଼ ସମର୍ଥନ ମିଳିଛି । ବ୍ରାଜିଲଠାରେ ଅନୁଷ୍ଠିତ ଜି୨୦ ମନ୍ତ୍ରିସ୍ତରୀୟ ବୈଠକରେ ଭାରତର ଏହି ପଦକ୍ଷେପକୁ ପ୍ରଶଂସା କରାଯାଇଛି । ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଶେଖାୱତ କହିଛନ୍ତି ସବୁଜ ପର୍ଯ୍ୟଟନ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଲାଗି ଭାରତ ପ୍ରତିଶ୍ରୁତିବଦ୍ଧ ଏବଂ ସାମୁହିକ ସହଯୋଗକୁ ଗ୍ରହଣ କରିଛି । ନିରନ୍ତର ସାମାଜିକ ତଥା ଅର୍ଥନୈତିକ ବିକାଶ ଏବଂ ପ୍ରକୃତିକୁ ସୁହାଇଲା ଭଳି ପର୍ଯ୍ୟଟନ ଓ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମନ୍ତ୍ରୀ ଶ୍ରୀ ଶେଖାୱତ ଗୁରୁତ୍ୱାରୋପ କରିଛନ୍ତି । ସବୁଜ ପର୍ଯ୍ୟଟନ,

ଡିଜିଟାଲାଇଜେସନ, ଦକ୍ଷତା ବିକାଶ, ପର୍ଯ୍ୟଟନ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଏବଂ ଲକ୍ଷ୍ୟସ୍ଥଳ ପରିଚାଳନା ଭଳି ୫ଟି କ୍ଷେତ୍ର ପର୍ଯ୍ୟଟନର ବିକାଶକୁ ଅଧିକ ଗତିଶୀଳ କରିପାରିବ ବୋଲି ସେ କହିଛନ୍ତି । ଏହି ଅବସରରେ ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସୁସଂହତ କରିବା ଲକ୍ଷ୍ୟରେ ବିଭିନ୍ନ ଦେଶର ପ୍ରତିପକ୍ଷଙ୍କ ସହ ମନ୍ତ୍ରୀ ଶ୍ରୀ ଶେଖାଓ୍ୱତ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି ।

## ଝାଡ଼ଖଣ୍ଡ-ଇସି

ଝାଡ଼ଖଣ୍ଡରେ ଆଗାମୀ ବିଧାନସଭା ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିବାକୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର ଆସନ୍ତାକାଲିଠାରୁ ଦୁଇଦିନିଆ ରାଞ୍ଚି ଗସ୍ତରେ ଯିବେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବିକୁମାର କହିଛନ୍ତି ମୁଖ୍ୟ ଆୟୁକ୍ତଙ୍କ ନେତୃତ୍ୱରେ ଆସିଥିବା ଦଳ ରାଞ୍ଚିଠାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରିବେ । ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ, ପୁଲିସ ନୋଡାଲ ଅଫିସର ଏବଂ କେନ୍ଦ୍ରୀୟ ସୁରକ୍ଷାବଳର ସଂଯୋଜକଙ୍କ ସହ ନିର୍ବାଚନ ପ୍ରସ୍ତୁତି ନେଇ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ମଧ୍ୟ ଆଲୋଚନା

ବୈଠକ ଅନୁଷ୍ଠିତ ହେବ । ସୂଚନାଯୋଗ୍ୟ ଚଳିତବର୍ଷ ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇପାରେ ।

## ସିବିଆଇ-ଆର୍‌ଜିକର

କୋଲକାତା ଆର୍‌ଜିକର ମେଡ଼ିକାଲ କଲେଜ ହସ୍ପିଟାଲ ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ଜଡିତ ଅଭିଯୋଗରେ ସିବିଆଇ ୩ଜଣ ଡାକ୍ତରଙ୍କୁ ପଚରାଉଚରା କରିଛି । କୋଲକାତାର ସିଜିଓ କମ୍ପ୍ଲେକ୍ସଠାରେ ସେହି ଡାକ୍ତରମାନଙ୍କୁ ପଚରାଉଚରା ହୋଇଛି । ବର୍ଦ୍ଧମାନ ମେଡ଼ିକାଲ କଲେଜ, ଏସ୍‌ଏସ୍ କେଏମ୍ କଲେଜ ଏବଂ ଆର୍‌ଜିକର ମେଡ଼ିକାଲ କଲେଜରେ ଏହି ଡାକ୍ତରମାନେ କାର୍ଯ୍ୟ କରୁଛନ୍ତି । ଆର୍‌ଜିକର ମେଡ଼ିକାଲ କଲେଜ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦିପ ଘୋଷଙ୍କ ଏମାନେ ଘନିଷ୍ଠ ବୋଲି ବିଶ୍ୱାସ କରାଯାଉଛି ।

## ଶ୍ରୀଲଙ୍କା କାଉଣ୍ଟିଙ୍ଗ

ଶ୍ରୀଲଙ୍କାରେ ଅନୁଷ୍ଠିତ ହୋଇଥିବା ରାଷ୍ଟ୍ରପତି ନିର୍ବାଚନର ଭୋଟ୍‌ଗଣତି ଜାରି ରହିଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଗଣାଯାଇଥିବା ପୋଷ୍ଟାଲ ବାଲାଟ ଫଳାଫଳ ଅନୁଯାୟୀ ଅନ୍ୟସବୁ ପ୍ରତିଦ୍ୱନ୍ଦ୍ୱିଙ୍କ ଠାରୁ ଏନ୍‌ପିପି ନେତା ଅନୁରା

କୁମାର ଦିଶାନାୟକେ ଅଗ୍ରଣୀ ରହିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ୭୫ ପ୍ରତିଶତ ମତଦାନ ହୋଇଛି । ଗଣତି ସମୟରେ ସମ୍ଭାବ୍ୟ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗତ ରାତିରୁ ସମସ୍ତ ଦ୍ୱିପାଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଛି । ଆଜି ଚୂଡାନ୍ତ ଫଳାଫଳ ଘୋଷଣା ନେଇ ପ୍ରୟାସ ଜାରି ରହିଛି ବୋଲି ନିର୍ବାଚନ ଆୟୁକ୍ତ ପ୍ରକାଶ କରିଛନ୍ତି ।

## କ୍ରିକେଟ୍

ଚେନ୍ନାଇ ଟେଷ୍ଟରେ ଭାରତ ବିପକ୍ଷରେ ବିଜୟ ପାଇଁ ବାଂଲାଦେଶ ସମ୍ମୁଖରେ ଏବେ ମଧ୍ୟ ୩୫୭ ରନ୍‌ର ଆବଶ୍ୟକତା ରହିଛି । ଗତକାଲି ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ବାଂଲାଦେଶ ତା'ର ଦ୍ୱିତୀୟ ଇନିଂସ୍‌ରେ ୪ ୱିକେଟ୍ ବିନିମୟରେ ୧୫୮ ରନ୍ ସଂଗ୍ରହ କରିଛି । ୬ଟି ୱିକେଟ୍ ହାତରେ ଥାଇ ବାଂଲାଦେଶ ଆଜି ଚତୁର୍ଥ ଦିନର ଖେଳ ଆରମ୍ଭ କରିବ ।

ନାଜମୁଲ ହୁସେନ ସାନ୍ତୋ ୫୧ ଏବଂ ସାକିବ୍ ଅଲ୍ ହାସନ ୫ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି । ୫୧୫ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ବାଂଲାଦେଶ ଗତକାଲି ଦ୍ୱିତୀୟ ଇଂନିସ ଆରମ୍ଭ କରିଥିଲା । ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନୀ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଯଶପ୍ରୀତ ବୁମ୍‌ରା ଗୋଟିଏ ୱିକେଟ୍ ନେଇଛନ୍ତି ।

ପୂର୍ବରୁ ଭାରତ ଏହାର ପ୍ରଥମ ଇନିଂସରେ ୩୭୬ରନ୍ କରିଥିବା ବେଳେ ଦ୍ୱିତୀୟ ଇଂନିସଂରେ ୪ ୱିକେଟ୍ ବିନିମୟରେ ୨୮୭ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା । ଭାରତ ପକ୍ଷରୁ ଶୁଭମନ ଗିଲ୍ ଓ ରଷିଭ ପନ୍ତ ଉଭୟ ଶତକ ହାସଲ କରିଥିଲେ । ବାଂଲାଦେଶ ଏହାର ପ୍ରଥମ ଇନିଂସରେ ୧୪୯ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା ।

## ଚେସ୍-ଅଲମ୍ପିଆଡ୍

ହଙ୍ଗେରୀର ବୁଦାପେଷ୍ଟଠାରେ ଚାଲିଥିବା ଚେସ୍ ଅଲମ୍ପିଆଡ୍ ପ୍ରତିଯୋଗିତାରେ ଭାରତ ଗତକାଲି ଶୀର୍ଷ ମାନ୍ୟତାପ୍ରାପ୍ତ ଆମେରିକାକୁ ପରାସ୍ତ କରିଛି । ଓପନ ବିଭାଗରେ ଭାରତର ଗୁକେଶ ବିଶ୍ୱର ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଫାବିଆନୋ କାରୁଓ୍ୱାଲାଙ୍କୁ ପରାସ୍ତ କରିଥିବାବେଳେ ଅର୍ଜୁନ ଆମେରିକା ଖେଳାଳି ଲେଇନିୟର ଡୋମିଂଗେଜ୍ ପେରେଜଙ୍କୁ ପରାସ୍ତ କରିଛନ୍ତି । ଅନ୍ୟ ଖେଳାଳିଙ୍କ ମଧ୍ୟରେ ପ୍ରଜ୍ଞାନନ୍ଦ ପରାସ୍ତ ହୋଇଥିଲେ ମଧ୍ଯ ବିଦିତ ଗୁଜୁରାଥି ମ୍ୟାଚ୍‌କୁ ଡ୍ର ରଖିବାରେ ସଫଳ ହୋଇଥିଲେ । ଏହି ପ୍ରଦର୍ଶନ ସହ ଭାରତ ୧୦ରାଉଣ୍ଡ ପରେ ୧୯ ମ୍ୟାଚ୍ ପଏଣ୍ଟ ସହ ତାଲିକାର ଶୀର୍ଷରେ ରହିଛି ।

ମହିଳା ବର୍ଗରେ ଭାରତ ଚୀନ୍‌କୁ ପରାସ୍ତ କରିଛି । ୧୭ପଏଣ୍ଟ ସହ ଭାରତ କାଜାକସ୍ତାନ ସହ ତାଲିକାର ଶୀର୍ଷସ୍ଥାନରେ ପହଞ୍ଚିଛି । ଫାଇନାଲ ପର୍ଯ୍ୟାୟ ଭାରତୀୟ ସମୟ  ଆଜି ଅପରାହ୍ଣ ସାଢ଼େ ୨ଟାରୁ ଆରମ୍ଭ ହେବ ।